**ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚ**
**ୱାର୍ଲଡ ଚର୍ଚ୍ଚ ହେଡ଼କ୍ବାଟର୍ସ, ସେଣ୍ଟ ଥୋମାସ କୋମ୍ୟୁନିଟି**
**ଥିରୁବାଲ୍ଲା, କେରଳ, ଭାରତ ୬୮୯୧୦୩**

## ମେଷପାଳକଙ୍କ ପତ୍ର

ମାର୍ଚ୍ଚ-ମଇ ୨୦୨୬

ମୋର ପ୍ରିୟ ମେଷପାଳକ ଏବଂ ପବିତ୍ର ମଣ୍ଡଳୀର ସମସ୍ତ ବିଶ୍ୱାସୀ ।

ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ନାମରେ, ବର୍ତ୍ତମାନ ଏବଂ ଯୁଗାନୁଯୁଗ ପର୍ଯ୍ୟନ୍ତ ଏକ ଈଶ୍ବର। ଆ-ମେ-ନ୍।

ମୁଁ ଆମର ଆତ୍ମିକ ପିତା, ଧନ୍ୟ ସ୍ମୃତିର ପିତା, ମେଟ୍ରୋପଲିଟାନ ଆଥନାସିୟସ୍ ଯୋହାନ-ପ୍ରଥମଙ୍କୁ ମନେ ପକାଉଛି, ଯିଏକି ସବୁବେଳେ ଆମକୁ କହୁଥିଲେ, "ଚର୍ଚ୍ଚ ବିଷୟରେ ଚିନ୍ତା କରନ୍ତୁ"। ସେ ଯାହା କହୁଥିଲେ ତାହା ହେଉଛି ଏକମାତ୍ର ସ୍ଥାୟୀ ବାସ୍ତବତା ଯାହା ଆମେ ଏହି ପୃଥିବୀରେ ନିର୍ମାଣ କରିପାରିବା ତାହା ହେଉଛି ଚର୍ଚ୍ଚ ବା ମଣ୍ଡଳୀ ।

ପ୍ରିୟ ସନ୍ତାନଗଣ, ଆପଣମାନେ ହେଉଛନ୍ତି ମଣ୍ଡଳୀ-ଖ୍ରୀଷ୍ଟଙ୍କ ଜୀବନ୍ତ ଶରୀର। ମନେରଖନ୍ତୁ ଯେ ଆପଣ ଯେଉଁ ସ୍ଥାନୀୟ ପ୍ୟାରିଶ୍ ଚର୍ଚ୍ଚର ସଦସ୍ୟ, ତାହା କେବଳ ଏକ ଅନୁଷ୍ଠାନ କିମ୍ବା ସଂଗଠନ ନୁହେଁ ମାତ୍ର ଏହା ବିଶପ୍ ଏବଂ ଯାଜକଙ୍କ ଚାରିପାଖରେ ଏକତ୍ରିତ ହୋଇଥିବା ଏକ "ପ୍ରଭୁଭୋଜିୟ ସମ୍ପ୍ରଦାୟ", ପବିତ୍ର ଆତ୍ମାରେ ଏକଜୁଟ ହୋଇ ପବିତ୍ର ଶାସ୍ତ୍ର ଏବଂ ପବିତ୍ର ରହସ୍ୟ (ସାକ୍ରାମେଣ୍ଟସ) ଦ୍ୱାରା ପୁଷ୍ଟ । ପ୍ୟାରିଶ୍ ରେ ହିଁ ଆମେ ଖ୍ରୀଷ୍ଟଙ୍କୁ ଭେଟିବା, ଈଶ୍ବରଙ୍କ ସ୍ୱଭାବରେ ବୃଦ୍ଧି ପାଇବା, ଏବଂ ବାକ୍ୟ ଏବଂ କାର୍ଯ୍ୟରେ ସୁସମାଚାରକୁ ସକ୍ରିୟ ଭାବରେ ବଞ୍ଚିବାକୁ ପ୍ରେରିତ ହେଉ।

ସେଥିପାଇଁ ୨୦୨୬ରେ ଆମର ମଣ୍ଡଳୀ ପାଇଁ ଆମର ଦର୍ଶନ ହେଉଛି "ପ୍ୟାରିଶ୍ ସଶକ୍ତିକରଣ: ବିଶ୍ୱାସ, ଜୀବନ ଏବଂ ସେବା"। ମୁଁ ଏହି ଦୂରଦୃଷ୍ଟିର ତିନୋଟି ଦିଗକୁ ସଂକ୍ଷେପରେ ବ୍ୟାଖ୍ୟା କରିବି ଏବଂ କିପରି ଆମେ ଏହାକୁ ଏକ ପ୍ୟାରିଶ୍ ଭାବରେ ଆମ ଜୀବନରେ ବ୍ୟବହାରିକ ଭାବରେ ପ୍ରୟୋଗ କରିପାରିବା।

### 1) ବିଶ୍ୱାସ

କଳ୍ପନା କରନ୍ତୁ ଯେ ସ୍ଥାନୀୟ ପ୍ୟାରିଶ୍ ଚର୍ଚ୍ଚ ଏକ ବଡ଼ ଗଛ ସଦୃଶ । ବିଶ୍ୱାସ ହେଉଛି ଏକ ଗଛର ମୂଳ, ଯାହା ଗଛକୁ ଦୃଢ ଭାବରେ ଧରିଥାଏ ଏବଂ ଏହାକୁ ପୋଷଣ ଦେଇଥାଏ । ସେହିପରି, ପବିତ୍ର ବିଶ୍ୱାସ ହେଉଛି ପବିତ୍ର ମଣ୍ଡଳୀ ଏବଂ ଆମ ଖ୍ରୀଷ୍ଟିୟାନ ଜୀବନର ମୂଳଦୁଆ।

(କ) ପବିତ୍ର ବିଶ୍ୱାସ କାହାରି ବ୍ୟକ୍ତିଗତ ମତ ନୁହେଁ। ବରଂ, ଏହା ପ୍ରେରିତମାନଙ୍କ ଦ୍ୱାରା ଆମକୁ ଦିଆଯାଇଥିବା ବିଶ୍ୱାସ, ପ୍ରାରମ୍ଭିକ ମଣ୍ଡଳୀ ପିତୃଗଣଙ୍କ ଦ୍ୱାରା ନିଶ୍ଚିତ, ଏବଂ ପବିତ୍ର ମଣ୍ଡଳୀର ଜୀବନ ମାଧ୍ୟମରେ ସଂରକ୍ଷିତ । ଏହି ସୁସମାଚାର ଏବଂ ବିଶ୍ୱାସ କେବଳ ସେତେବେଳେ ପ୍ରମାଣିକ ରହେ, ଯେତେବେଳେ ଆମେ ଠିକ୍ ଭାବରେ ସମର୍ଥିତ କରିରଖିବା ଯେମିତି ପବିତ୍ର ପ୍ରେରିତମାନଙ୍କ ଦ୍ୱାରା ସେଗୁଡ଼ିକ ସମର୍ଥିତ କରାଯାଇଥିଲା । ଯେମିତି ଗାଲାତୀୟ ପତ୍ର ୧:୮ ରେ ସାଧୁ ପାଉଲ କହନ୍ତି, "ଆମ୍ଭେମାନେ ତୁମ୍ଭମାନଙ୍କୁ ଯେଉଁ ସୁସମାଚାର ପ୍ରଚାର କରିଅଛୁ, ତାହା ବ୍ୟତୀତ ଯଦି ଆମ୍ଭେମାନେ କିମ୍ବା ସ୍ୱର୍ଗରୁ କୌଣସି ଦୂତ ତୁମ୍ଭମାନଙ୍କୁ ଅନ୍ୟ କୌଣସି ସୁସମାଚାର ପ୍ରଚାର କରୁ, ତେବେ ସେ ଅଭିଶପ୍ତ ହେଉନ୍ତୁ"। ଏହା ଆମକୁ ପବିତ୍ର ବିଶ୍ୱାସର

ଗମ୍ଭୀରତା ଏବଂ ଗଭୀରତା ବିଷୟରେ ମନେ ପକାଇ ଦିଏ ଯାହା ଦ୍ୱାରା ଆମେ ବିଶ୍ୱସ୍ତତାର ସହ ବଞ୍ଚିବାକୁ ଏବଂ ସଂରକ୍ଷଣ କରିବାକୁ ଆହ୍ୱାନ ପାଇଛୁ।

(ଖ) ୧ମ ତୀମଥି ୩:୧୫-୧୬ରେ, ପବିତ୍ର ମଣ୍ଡଳୀକୁ "ସତ୍ୟର ସ୍ତମ୍ଭ ଓ ମୂଳଦୁଆ" ଭାବେ ବର୍ଣ୍ଣନା କରାଯାଇଛି। ଏହି ଶାସ୍ତ୍ରାଂଶରେ, ମଣ୍ଡଳୀକୁ ଈଶ୍ବରଙ୍କ ପରିବାର ଭାବେ ଚିତ୍ରିତ କରାଯାଇଛି, ଯେଉଁମାନଙ୍କୁ ସୁସମାଚାରର ସତ୍ୟତାକୁ ଧରି ରଖିବା, ସୁରକ୍ଷା ଦେବା ଏବଂ ସମର୍ଥନ କରିବା ଦାୟୀତ୍ୱ ଦିଆଯାଇଛି। ନିମ୍ନୋକ୍ତ ପଦଟି "ଈଶ୍ୱର ପରାୟଣତାର ରହସ୍ୟ" ଉପରେ ଆଲୋକପାତ କରେ- ଯୀଶୁ ଖ୍ରୀଷ୍ଟ ମନୁଷ୍ୟ ରୂପରେ ଏକ ସତ୍ୟ ଭାବେ ପ୍ରକାଶିତ ହେଲେ-ପବିତ୍ର ମଣ୍ଡଳୀ ତାହାକୁ ଘୋଷଣା ଏବଂ ସଂରକ୍ଷଣ କରିରଖିଲେ । ଏହା ଖ୍ରୀଷ୍ଟିୟାନ ବିଶ୍ୱାସକୁ ଏହାର ଶୁଦ୍ଧତା ଏବଂ ବିନା ବିକୃତି  କରି ରକ୍ଷା କରିବା ପାଇଁ ମଣ୍ଡଳୀର ଦାୟୀତ୍ୱକୁ ସୂଚିତ କରେ ।

(ଗ) ସାଧୁ ପାଉଲ ୨ୟ ତୀମଥି ୧:୫ ରେ ସାଧୁ ତୀମଥିଙ୍କୁ ମନେ ପକାଇ ଦିଅନ୍ତି ଯେ "ଆନ୍ତରିକ ବିଶ୍ୱାସ ଯାହା ପ୍ରଥମେ ତାଙ୍କ ମାତାମହୀ "ଲୋୟୀ ଏବଂ ତାଙ୍କ ମା' ଇଉନୀକୀଙ୍କଠାରେ ବାସ କରୁଥିଲା।" ସେହିଭଳି, ଆମେ ନିଶ୍ଚିତ କରିବା ଉଚିତ ଯେ ଏହି ପବିତ୍ର ବିଶ୍ୱାସ ଆମ ଘରେ ରହୁ ଏବଂ ବିଶ୍ୱସ୍ତତାର ସହ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତରିତ ହେଉ।

**2) ଜୀବନ**

ଜୀବନ ହେଉଛି ନିଜେ ଏକ ବୃକ୍ଷ-କାଣ୍ଡ, ଶାଖା ଏବଂ ପତ୍ର ଯାହା ସମସ୍ତଙ୍କୁ ଦୃଶ୍ୟମାନ ହୁଏ । ଏକ ପ୍ୟାରିଶର ଜୀବନ ଆମେ ପ୍ରତିଦିନ ଆମର ବିଶ୍ୱାସକୁ ବଞ୍ଚିବାର ଶୈଳୀରେ ପ୍ରକଟ ହୋଇଥାଏ, ଯେଉଁଥିରେ ବିଶ୍ୱରେ ଆମ ଜୀବନର ଉଭୟ  ଆଧ୍ୟାତ୍ମିକ ଏବଂ ଲୌକିକ ଦିଗ ଅନ୍ତର୍ଭୁକ୍ତ ।

(କ) ଏହି ଜୀବନର କେନ୍ଦ୍ରରେ ରହିଛି ଦିବ୍ୟ ଆରାଧନାର ଉତ୍ସବ । ଏକ ପାରିଶ୍ ସମ୍ପ୍ରଦାୟ ଭାବରେ, ଆମେ ଖ୍ରୀଷ୍ଟଙ୍କଠାରୁ ଶକ୍ତି ଏବଂ ପୋଷଣ ପାଇ ପବିତ୍ର ବେଦୀ ଚାରିପାଖରେ ସପ୍ତାହ ପରେ ସପ୍ତାହ ଏକାଠି ହେଉ। ଭକ୍ତି ଏବଂ ଏକତାର ସହିତ ଉପବାସ ଏବଂ ଉତ୍ସବ ପାଳନ କରି ଆମେ ମଣ୍ଡଳୀର ଲିଟର୍ଜିକାଲ୍ କ୍ୟାଲେଣ୍ଡରକୁ ଅନୁସରଣ କରୁ। "ଏହିପରି ଭାବରେ, ପବିତ୍ର ସଂସ୍କାରଗୁଡ଼ିକ ପାରିଶ୍  ଜୀବନ ସହିତ ଗଭୀର ଭାବରେ ସଂଯୁକ୍ତ ହୋଇଯାଏ, ଯାହା ପବିତ୍ର ତ୍ରିଏକଙ୍କ ଆରାଧନାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଥାଏ।"

(ଖ) ଏହି ଜୀବନ ଆମ ଘର ଭିତରେ ମଧ୍ୟ ରହିବା ଉଚିତ। ଆମର ପରିବାରଗୁଡ଼ିକ ଛୋଟ ଚର୍ଚ୍ଚରେ ପରିଣତ ହେବା ଉଚିତ, ଯେଉଁଠାରେ ପ୍ରାର୍ଥନା ଦୈନନ୍ଦିନ ଜୀବନର ଏକ ସ୍ୱାଭାବିକ ଅଂଶ  ହେବ । ଆମେ ଆମ ଘରେ ପ୍ରାର୍ଥନାର ନିୟମିତ ଶୈଳୀ ପ୍ରତିଷ୍ଠା କରିବାକୁ ହେବ: ଯେପରିକି ସକାଳ ଓ ସନ୍ଧ୍ୟା ପ୍ରାର୍ଥନା, ପବିତ୍ର ଶାସ୍ତ୍ର ପଠନ ଏବଂ ଈଶ୍ୱରଙ୍କ ସାନ୍ନିଧ୍ୟରେ କିଛି ସମୟ ନିରବ ଚିନ୍ତନ ଇତ୍ୟାଦି ।"

(ଗ) "ଆମର ଖ୍ରୀଷ୍ଟୀୟ ଜୀବନ ଆମେ ରହୁଥିବା ସମାଜରେ ମଧ୍ୟ ଦୃଶ୍ୟମାନ ହେବା ଆବଶ୍ୟକ: ଆମେ ପଢୁଥିବା ସ୍କୁଲ ଓ କଲେଜରେ, ଆମେ କାମ କରୁଥିବା କର୍ମକ୍ଷେତ୍ରରେ, ଆମ କଥାବାର୍ତ୍ତାରେ, ଆମେ ରଖୁଥିବା ସମ୍ପର୍କରେ ଏବଂ ଆମର ଆଚରଣରେ। ଏହି ସମସ୍ତ ବିଷୟରେ ଆମ ଜୀବନ ଖ୍ରୀଷ୍ଟଙ୍କ ପ୍ରତିଫଳନ ହେବା ଉଚିତ, କାରଣ ଅନେକ ସମୟରେ ଆମର ବାକ୍ୟ  ଅପେକ୍ଷା ଆମର ଜୀବନ ଅଧିକ ଶକ୍ତିଶାଳୀ ଭାବରେ କହିଥାଏ।"

**3) ସେବା**

ସେବା ହେଉଛି ବୃକ୍ଷର ଫଳ; ଏହା ଆମର ବିଶ୍ୱାସ ଏବଂ ଆଧ୍ୟାତ୍ମିକ ଜୀବନର ଏକ ଦୃଶ୍ୟମାନ ପରିଣାମ। ଜଣେ ପ୍ରକୃତ ଖ୍ରୀଷ୍ଟିୟାନ ସେ ଅଟେ, ଯିଏ ନିଜ କର୍ମ ମାଧ୍ୟମରେ ବିଶ୍ୱାସକୁ କାର୍ଯ୍ୟକାରୀ କରିଥାଏ।

(କ) ଦିବ୍ୟ ଆରାଧନାର ସମାପ୍ତିରେ, ଆମେ ଆଶୀର୍ବାଦ ପ୍ରାପ୍ତ ହୋଇ ପରମେଶ୍ୱରଙ୍କୁ ବାକ୍ୟ ଓ କର୍ମରେ ସେବା କରିବା ପାଇଁ ପ୍ରେରିତ ହୋଇଥାଉ। ଆମର ପଡ଼ୋଶୀ, ଆମ ସମ୍ପ୍ରଦାୟ ଏବଂ ଆମ ଚାରିପାଖରେ ଥିବା ସମାଜ ନିକଟରେ ପହଞ୍ଚିବା ହିଁ ଆମର ବୃତ୍ତି ଏବଂ ଆହ୍ୱାନ। ପ୍ରାରମ୍ଭିକ ମଣ୍ଡଳୀର ପିତୃଗଣ ପ୍ରାୟତଃ ଏହାକୁ 'ଆରାଧନା ପରବର୍ତ୍ତୀ ଆରାଧନା' (liturgy after the liturgy) ଭାବରେ ବର୍ଣ୍ଣନା କରିଛନ୍ତି ।

(ଖ) ଈଶ୍ୱରଙ୍କ ସନ୍ତାନ ଭାବରେ, ଆମକୁ ଦାନ ଓ ଦୟାଶୀଳ କାର୍ଯ୍ୟ ମାଧ୍ୟମରେ ସୁସମାଚାରକୁ ସକ୍ରିୟ ଭାବରେ ଜୀବନରେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦିଆଯାଇଛି, ଯେପରିକି: ଗରିବ ଓ ବିଧବାମାନଙ୍କର ଯତ୍ନ ନେବା, ଅବହେଳିତ ପିଲାମାନଙ୍କୁ ଶିକ୍ଷା ଓ ସହାୟତା ପ୍ରଦାନ କରିବା, ଅଭାବୀ ଲୋକଙ୍କ ପ୍ରତି ଦୟା ଓ କ୍ଷମା ପ୍ରଦର୍ଶନ କରିବା ଏବଂ ଈଶ୍ୱରଙ୍କ ସୃଷ୍ଟିର ଦାୟିତ୍ୱବାନ ରକ୍ଷକ ହେବା।

ଏହି ମହାପବିତ୍ର ଲେଣ୍ଟ (Great Lent) ସମୟରେ ଏବଂ ଏହା ପରେ ମଧ୍ୟ, 'ପାରିଶ୍ ଗଠନ: ବିଶ୍ୱାସ, ଜୀବନ ଏବଂ ସେବାର ଏହି ଦର୍ଶନ ଆମକୁ ଆଗକୁ ବଢ଼ିବା ପାଇଁ ଏକ ସ୍ୱଷ୍ଟ ପଥ ପ୍ରଦର୍ଶନ କରେ। ଏବଂ ଏହି ଦର୍ଶନ ସେତେବେଳେ ଫଳପ୍ରଦ ହେବ, ଯେତେବେଳେ ଆମେ ସମସ୍ତେ — ବିଶପ୍, ଯାଜକ ଏବଂ ବିଶ୍ୱାସୀମାନେ ଏକାଠି ହୋଇ ଏହାକୁ ନିଷ୍ଠା ଓ ଧୈର୍ଯ୍ୟର ସହ ଗ୍ରହଣ କରିବା। ଖୁବ୍ ଶୀଘ୍ର, ଆମେ ପବିତ୍ର ମାତା ମରିୟମଙ୍କ ଶୁଭସମ୍ବାଦ ପର୍ବ (Annunciation of the Holy Theotokos) ପାଳନ କରିବା, ଯାହା ପରେ ବିଜୟ ଯାତ୍ରା ରବିବାର (Palm Sunday) ଆସିବ। ତା' ପରେ, ଆମେ ବର୍ଷର ସବୁଠାରୁ ପବିତ୍ର ସମୟ — 'ପବିତ୍ର ସପ୍ତାହ (Holy Week) ରେ ପ୍ରବେଶ କରିବା, ଯେଉଁଠାରେ ଆମେ ପ୍ରଭୁଙ୍କ ଦୁଃଖଭୋଗର ସହଯାତ୍ରୀ ହୋଇ ଶେଷରେ ପବିତ୍ର ପାସ୍କା (Pascha/Easter) ରେ ତାଙ୍କର ମହିମାମୟ ପୁନରୁତ୍ଥାନର ପର୍ବ ପାଳନ କରିବା।"

ମୋର ପ୍ରିୟ ସନ୍ତାନଗଣ, ଏହି ପବିତ୍ର ଉପବାସ କାଳରେ ମୁଁ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ମୋର ପ୍ରାର୍ଥନାରେ ରଖିଛି; ଏହି ଲେଣ୍ଟ ଯାତ୍ରାରେ ତୁମମାନଙ୍କ ସହ ଚାଲିବା ସହିତ ଜଣେ ଆଧ୍ୟାତ୍ମିକ ପିତା ଭାବରେ ମୁଁ ଯାହା କିଛି ଶିକ୍ଷା ଦେଇଛି, ସେସବୁକୁ ସକ୍ରିୟ ଭାବେ ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ତୁମମାନଙ୍କୁ ଉତ୍ସାହିତ କରୁଛି। ଦୟାକରି ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ତାଙ୍କର କରୁଣା ଏବଂ ଅନୁଗ୍ରହ ପାଇଁ ତୁମମାନଙ୍କର ନିୟମିତ ପ୍ରାର୍ଥନାରେ ଏହି ଦୁର୍ବଳ ଓ ପାପୀ ସେବକକୁ ମଧ୍ୟ ମନେ ରଖିବ।

ପବିତ୍ର ତ୍ରିତ୍ୱ ପରମେଶ୍ୱର; ପିତା, ପୁତ୍ର ଓ ପବିତ୍ର ଆତ୍ମା, ତୁମମାନଙ୍କୁ ତାଙ୍କର ଇଚ୍ଛା ବୁଝିବା ପାଇଁ ଜ୍ଞାନ, ତାଙ୍କର ଆଜ୍ଞା ପାଳନ କରିବା ପାଇଁ ଶକ୍ତି ଏବଂ ତାଙ୍କର କରୁଣା ପ୍ରତିଫଳିତ କରିବା ପାଇଁ ପ୍ରେମ ପ୍ରଦାନ କରନ୍ତୁ। ପବିତ୍ର ଈଶ୍ୱରଙ୍କମାତା (Theotokos) ଏବଂ ସମସ୍ତ ସାଧୁସନ୍ତଙ୍କ ମଧ୍ୟସ୍ଥି ପ୍ରାର୍ଥନା, ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ବର୍ତ୍ତମାନ ଏବଂ ସର୍ବଦା ଆମ ପାଇଁ ସୁରକ୍ଷା କବଚ ହେଉ। ଆମେନ୍।"

+ ମୋରାନ ମୋର ସାମୁଏଲ ଥିଓଫିଲସ
ମେଟ୍ରୋପଲିଟାନ

ତାରିଖ: ୧୩ ମାର୍ଚ୍ଚ ୨୦୨୬
ସ୍ଥାନ: ଗ୍ଲୋବାଲ ଚର୍ଚ୍ଚ ହେଡକ୍ୱାଟର୍ସ